ସମ୍ପାଦକୀୟ

24 YEARS
ସମ୍ବାଦ କଳିକା

ବୁଲନ୍ଦସହର ଘଟଣା ଅକ୍ଷମଣୀୟ

ପଶ୍ଚିମ ଉତ୍ତର ପ୍ରଦେଶର ବୁଲନ୍ଦସହରର ଏକ ଗ୍ରାମରେ ଗୋ–ହତ୍ୟାକୁ ନେଇ ସୃଷ୍ଟି ହୋଇଥିବା ଆକ୍ରୋଶ ଯେଭଳି ଭୟାବହ ଅରାଜକତାର ରୂପ ଧାରଣ କଲା ତାହା ଏଇଥିପାଇଁ ଅଧିକ ବିଚଳିତ ଏବଂ ଚିନ୍ତିତ କରୁଛି ଯେ ଏହି କାରଣ ଯୋଗୁ ଜଣେ ପୋଲିସ ଇନ୍ସପେକ୍ଟରଙ୍କ ସମେତ ଦୁଇଜଣ ଲୋକଙ୍କର ଜୀବନ ଚାଲିଗଲା । ଗୋ–ହତ୍ୟା ନିଷେଧ ହୋଇମଧ୍ୟ ଏହି ଘଟଣା ରାଜ୍ୟରେ ଘଟିବା ଆଇନର ଶାସନ ପାଇଁ ଏକ ଚ୍ୟାଲେଞ୍ଜ । ଏବଂ ଏଭଳି କୌଣସି ଘଟଣା ପରେ ଲୋକେ କ୍ରୋଧିତ ହେବା ସ୍ୱାଭାବିକ କଥା । କିନ୍ତୁ ଏହାର କୌଣସି ଅର୍ଥ ନାହିଁ ଯେ ଏହାର ଅଭିବ୍ୟକ୍ତି ନାମରେ ସବୁକିଛି ନୀତିନିୟମକୁ ଭୁଲିଯିବା ଓ ଏପରିକି ଘଟଣାର ଅନୁସନ୍ଧାନ କରୁଥିବା ପୋଲିସ କର୍ମଚାରୀଙ୍କୁ ହତ୍ୟା କରିବା । ପ୍ରକୃତରେ ବୁଲନ୍ଦସହରରେ ପୋଲିସ କର୍ମୀଙ୍କ ଉପରେ ଯେଭଳି ଆକ୍ରମଣ କରାଗଲା ଓ ଥାନାକୁ ଜାଳି ଦିଆଗଲା ଏହାକୁ କେବେହେଲେ ସଭ୍ୟ ସମାଜ କିଭଳି ଗ୍ରହଣ କରିପାରିବ ? ଏହାଠାରୁ କ'ଣ କୌଣସି ବଡ଼ ବିଡ଼ମ୍ବନା କିଛି ରହିଛି ଯେ ଗାଈ ପ୍ରତି ଆସ୍ଥାର ପ୍ରଦର୍ଶନ ଏଭଳି ହେବ ଯାହାଦ୍ୱାରା ମଣିଷର ଜୀବନକୁ ମୂଲ୍ୟ ଦେବାକୁ ପଡ଼ିବ ?

ପ୍ରକୃତରେ ବୁଲନ୍ଦସହରରେ ଅରାଜକତାକୁ ପ୍ରୋତ୍ସାହିତ କରି ପୋଲିସ ଇନ୍ସପେକ୍ଟର ଓ ଅନ୍ୟଜଣେ ଯୁବକଙ୍କୁ ଯେଉଁ ବ୍ୟକ୍ତିମାନେ ହତ୍ୟା କଲେ ସେମାନଙ୍କୁ କିଭଳି ଗୋ–ସେବକ ବା ଗୋ–ଭକ୍ତ ବୋଲି କୁହାଯାଇପାରିବ ? କ'ଣ ଗାଈ ପ୍ରତି ଆସ୍ଥା ଏଇଆ ଶିକ୍ଷା ଦେଉଛି ଯେ କୌଣସି ମନୁଷ୍ୟର ଜୀବନ ନେବା ପର୍ଯ୍ୟନ୍ତ କଥା ଯିବ ? ପଶ୍ଚିମ ଉତ୍ତରପ୍ରଦେଶ ସହିତ ଦେଶର ଅନେକ ଭାଗରେ ଏହା ପ୍ରଥମ ଘଟଣା ନୁହେଁ ଯେ ଗୋ–ହତ୍ୟା ବା ଗାଈ ଚୋରା ଚାଲାଣ ବିରୁଦ୍ଧରେ କ୍ରୋଧ ପ୍ରକଟ କରାଯାଇଛି । ଏହି ଘଟଣାକୁ ନେଇ ଗୋଷ୍ଠୀ ସଂଘର୍ଷ ସୃଷ୍ଟି କରିବା ବା ହିଂସକ ବ୍ୟବହାର କରିବା ଏବଂ କାହାକୁ ହତ୍ୟା କରିବା ଭଳି ଘଟଣା ନିଶ୍ଚିତ ଲଜ୍ଜାଜନକ । ଏଭଳି ଘଟଣା ବିଭିନ୍ନ ସମୟରେ ସମ୍ମୁଖକୁ ଆସୁଛି । କିନ୍ତୁ ପ୍ରତ୍ୟେକ ଏହିଭଳି ଘଟଣା ଗାଈ ପ୍ରତି ଆସ୍ଥା ରଖୁଥିବା ବ୍ୟକ୍ତି ବିଶେଷଙ୍କୁ ବଦ୍‌ନାମ୍‌ର କାରଣ ବୋଲି କୁହାଯିବ । ଏହା ସତ୍ତ୍ୱେ ମଧ୍ୟ କେହି ସଚେତନ ହେଉନାହାଁନ୍ତି ।

ଏହାକୁ ଏଡ଼ାଇ ଦିଆଯାଇପାରିବ ନାହିଁ ଯେ କିଛି ତତ୍ତ୍ୱ ଏହିଭଳି ଯେଉଁମାନେ ଗୋ–ବଧ ନିଷେଧ ଆଇନ୍‌କୁ ଉଲ୍ଲଂଘନ କରି ଗୋ–ହତ୍ୟା ବନ୍ଦ କରୁନାହାଁନ୍ତି । କିନ୍ତୁ ସେମାନଙ୍କ ବିରୁଦ୍ଧରେ କ୍ରୋଧ ପ୍ରକଟ କରିବା ଓ ସେମାନଙ୍କୁ ଦଣ୍ଡର ଭାଗିଦାରୀ କରିବା ନିମନ୍ତେ ପୋଲିସ ପ୍ରଶାସନ ଉପରେ ଚାପ ପକାଇବାର କ୍ରମରେ ଏଭଳି କିଛି କରାଯିବା ଅନୁଚିତ୍ ଯାହାକି ଆଇନ୍ ବ୍ୟବସ୍ଥା ସହିତ ସାମାଜିକ ସଦ୍‌ଭାବ ପାଇଁ ବିପଦ ସୃଷ୍ଟି କରିବ । ଗୋ–ହତ୍ୟାର ବିରୋଧ କରାଯିବା ଉଚିତ୍ କିନ୍ତୁ ଏଭଳି କରି ଅରାଜକତା ସୃଷ୍ଟି କରିବା ବା ଆଇନ୍‌କୁ ହାତକୁ ନେବାର ଅନୁମତି କାହାକୁ କେବେହେଲେ ମିଳିନାହିଁ । ସଭ୍ୟ ସମାଜର ମୁଣ୍ଡ ନୁଆଁଇବା ଭଳି କଥା । ବୁଲନ୍ଦସହର ଜିଲ୍ଲାର ଏହି ଘଟଣାର ଉଚ୍ଚ ସ୍ତରୀୟ ତଦନ୍ତ ହେବା ଉଚିତ୍ କିନ୍ତୁ ଭଲ ହେବ ଯେ ଯେତେବେଳେ ଗୋଟିଏ ପଟେ ଅରାଜକତାର ନିଆଁ ପ୍ରସାର କରୁଥିବା ବ୍ୟକ୍ତିମାନଙ୍କ ଉପରେ କଟକଣା ଲାଗୁ କରାଯିବ । ସେହିଭଳି ଅପରପକ୍ଷରେ ସେହି କାରଣ ପର୍ଯ୍ୟନ୍ତ ଯିବା ଉଚିତ୍ ଯେଉଁଥିପାଇଁ ପଶ୍ଚିମ ଉତ୍ତର ପ୍ରଦେଶରେ ଗୋ–ହତ୍ୟା ଯୋଗୁ ଏତେ ବଡ଼ ଘଟଣା ଘଟିଗଲା ଏବଂ ତାହା ବର୍ତ୍ତମାନ ଥମିବାର ନାଁ ନେଉନାହିଁ ।

ଯେହେତୁ ଗୋ–ହତ୍ୟା ଘଟଣା ଓ ଏହା ପରେ ଲୋକଙ୍କ କ୍ରୋଧରୁ ସୃଷ୍ଟି ହୋଇଥିବା ପରିସ୍ଥିତି ଆଇନ୍‌ର ଶାସନ ସହିତ ସାମାଜିକ ସ୍ଥିତି ଉପରେ ଆଘାତ କରୁଛି ସେଥିପାଇଁ ଶାସନ–ପ୍ରଶାସନ ସହିତ ସମାଜରେ ମଧ୍ୟ ଏହି ଦାୟିତ୍ୱ ରହିଛି ଯେ ଗାଈ ନାମରେ ହେଉଥିବା ଅପ୍ରିୟ ଘଟଣାରୁ ବଞ୍ଚିବା ପାଇଁ ରାହା ଖୋଜିବା ଉଚିତ୍ । ଏହି ଦାୟିତ୍ୱର ନିର୍ବାହ ଏଥିପାଇଁ କରାଯିବା ଉଚିତ୍ କାରଣ ବୁଲନ୍ଦସହର ଭଳି ଘଟଣା ସମାଜ ଓ ରାଷ୍ଟ୍ରର ଅପଯଶର କାରଣ ହେଉଛି । ଅନେକ ସମୟରେ ଦେଖାଦେଉଛି ଯେ ଗୋ–ସୁରକ୍ଷା ନାମରେ କିଛି ବ୍ୟକ୍ତି ଅରାଜକତା ସୃଷ୍ଟି କରୁଛନ୍ତି । ଏମିତିବି ବୁଲନ୍ଦସହର ଘଟଣା ସମ୍ପର୍କରେ କୁହାଯାଉଛି ଯେ ଯେଉଁଠାରେ ଗୋ–ହତ୍ୟା କରାଯାଇଛି ବୋଲି କୁହାଯାଉଛି ସେହି ସ୍ଥାନ ଠାରୁ ମାତ୍ର ଦୁଇ କିଲୋମିଟର ଦୂରରେ ମୁସଲ୍‌ମାନ ମାନେ ଏକ ଧର୍ମୀୟ ସମ୍ମିଳନୀର ଆୟୋଜନ କରୁଥିଲେ । ଏହି ଆୟୋଜନକୁ ଦୃଷ୍ଟିରେ ରଖି ଏଭଳି ଘଟଣା ଅସାମାଜିକ ତତ୍ତ୍ୱଙ୍କ ମାଧ୍ୟମରେ ଘଟାଯାଇ ପରିସ୍ଥିତିକୁ ବିଗାଡ଼ିବା ନିମନ୍ତେ ଉଦ୍ୟମ କରାଯାଇଥିଲା ବୋଲି ଅନେକ ଅଭିଯୋଗ କରୁଛନ୍ତି । ଏହି ଘଟଣାକୁ ନେଇ ସୋସିଆଲ୍ ମିଡ଼ିଆରେ ଏକ ଭିଡ଼ିଓ ଘୁରିବୁଲୁଛି । ଭିଡ଼ିଓରେ ଲକ୍ଷ ଲକ୍ଷ ଇସ୍‌ଲାମ୍ ଧର୍ମାବଲମ୍ବୀ ଏକାଠି ହୋଇଥିବାର ଦୃଶ୍ୟ ରହିଛି । ଏହାକୁ ଭାଇରାଲ୍ କରାଯାଇ କୁହାଯାଉଛି ଯେ ଭାରତରେ ମୁସଲ୍‌ମାନ ମାନଙ୍କ ସଂଖ୍ୟା ବୃଦ୍ଧି ନିମନ୍ତେ ଏଭଳି ଏକ ସଭାର ଆୟୋଜନ କରାଯାଇଥିଲା ବୋଲି । କିନ୍ତୁ ପ୍ରକୃତ କଥା ହେଉଛି ବୁଲନ୍ଦସହର ନିକଟରେ ଇସ୍ତେମା ବା ଇସ୍‌ଲାମ ଧର୍ମୀୟ ସମ୍ମିଳନୀର ଆୟୋଜନ ହୋଇଥିଲା । ଏହି ଆୟୋଜନରେ ବହୁ ମୁସଲ୍‌ମାନ ବ୍ୟକ୍ତି ଯୋଗଦେଇଥିଲେ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଏହି ଇସ୍ତେମାରେ କେବଳ ଧର୍ମୀୟ ଆଲୋଚନା ବ୍ୟତିତ ଓ ଇସ୍‌ଲାମ୍ ଧର୍ମର ମୂଳତତ୍ତ୍ୱ ସମ୍ପର୍କରେ ଆଲୋଚନା ବ୍ୟତିତ ଅନ୍ୟ କିଛି କାର୍ଯ୍ୟ କରାଯାଇନାହିଁ । ଏପରିକି ଇସ୍ତାମାରେ ଧର୍ମୀୟ ଆଲୋଚନା ବ୍ୟତିତ ଅନ୍ୟ କୌଣସି କାର୍ଯ୍ୟ କୌଣସି ଠାରେ କରାଯାଇଥିବାର ଦେଖାଯାଏନାହିଁ । ଏହାଛଡ଼ା ସୋସିଆଲ୍ ମିଡ଼ିଆରେ ଭାଇରାଲ୍ ହୋଇଥିବା ଭିଡ଼ିଓ ସହିତ ବୁଲନ୍ଦସହରର ଇସ୍ତେମା ସହିତ କୌଣସି ସମ୍ପର୍କ ନାହିଁ । ଅନୁଧ୍ୟାନରୁ ଜଣାପଡ଼ିଛି ଯେ ଏହି ଭିଡ଼ିଓ ୨୦୧୬ ମସିହାରେ ଏକ ବିଦେଶୀ ୱେବ୍ ପୋର୍ଟାଲ୍‌ରୁ ଜାରି କରାଯାଇଥିଲା । ପରବର୍ତ୍ତୀ ସମୟରେ ୨୦୧୭ରେ ମଧ୍ୟ ଏହି ଭିଡ଼ିଓକୁ ପୁନଃବାର ସୋସିଆଲ୍ ମିଡ଼ିଆରେ ପକାଯାଇଥିଲା । ଏହି ଭିଡ଼ିଓକୁ ଅନୁଧ୍ୟାନ କଲେ ଏବଂ ଭିଡ଼ିଓରେ ଥିବା ବ୍ୟକ୍ତିବିଶେଷଙ୍କ ବେଶ, ପୋଷାକକୁ ଦେଖିଲେ ସ୍ପଷ୍ଟ ସୂଚୀତ ହେଉଛି ଯେ ଭିଡ଼ିଓଟି କୌଣସି ଆଫ୍ରିକୀୟ ମୁସଲ୍‌ମାନ ରାଷ୍ଟ୍ରର ବୋଲି । ଏହାକୁ ଭାଇରାଲ୍ କରାଯାଇ ସମାଜରେ ବିସଂଗତି ସୃଷ୍ଟି ପାଇଁ ଉଦ୍ୟମ କରାଯାଇଛି । ଏହି ଘଟଣା ସହିତ ବୁଲନ୍ଦସହର ଘଟଣାର କୌଣସି ସମ୍ପର୍କ ନାହିଁ । ତେଣୁ ବୁଲନ୍ଦସହର ଘଟଣା କାହିଁକି ଘଟିଲା ? ଯେଉଁ କାରଣ ଯୋଗୁ ଘଟିଲା ପ୍ରକୃତରେ ସେଥିପାଇଁ ଦୋଷୀ କିଏ ? ପ୍ରକୃତରେ ସେଠାରେ ଗୋ–ହତ୍ୟା କରାଯାଇଥିଲା ନା କୌଣସି ଅସାମାଜିକ ତତ୍ତ୍ୱ ଏଭଳି ଘଟଣା ଘଟାଇ ଇସ୍ତେମାକୁ ବନ୍ଦ ପାଇଁ ଉଦ୍ୟମ କରୁଥିଲେ । ସେ ସମ୍ପର୍କରେ ଅନୁଧ୍ୟାନ ହେବା ଆବଶ୍ୟକ । ଯେପର୍ଯ୍ୟନ୍ତ ପ୍ରକୃତ ସତ୍ୟ ସମ୍ମୁଖକୁ ନଆସିଛି ସେପର୍ଯ୍ୟନ୍ତ କୌଣସି ଘଟଣାକୁ ବିଶ୍ୱାସକୁ ନେବା ସମ୍ଭବପର ନୁହେଁ । ଏସବୁ ଦୃଷ୍ଟିକୋଣରୁ ସାମ୍ପ୍ରତିକ ସ୍ଥିତିରେ ନିଜକୁ ଗୋ–ରକ୍ଷକ ବୋଲି କହି ସମାଜରେ ବିଭିନ୍ନ ସମସ୍ୟା ସୃଷ୍ଟି କରୁଥିବା ବ୍ୟକ୍ତିବିଶେଷଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ୍ । ଏଥିରେ ଦ୍ୱିମତ ନାହିଁ ଯେ ଗୋ–ହତ୍ୟା ବନ୍ଦ ଆଇନ୍‌କୁ କଠୋର ଭାବେ ପାଳନ କରାଯାଉ । ଏଭଳି କୌଣସି ପରିସ୍ଥିତି ସୃଷ୍ଟି କରାନଯାଉ ଯାହାକି ସମାଜରେ ସାଧାରଣ ଲୋକଙ୍କ ପାଇଁ ସମସ୍ୟା ସୃଷ୍ଟି କରିବ । ଆଇନ୍‌କୁ ହାତକୁ ନେଇ ଦେଶର ବିଭିନ୍ନ ସ୍ଥାନରେ ଗୋ–ରକ୍ଷକ ମାନେ ଯେଭଳି କାଣ୍ଡକାରଖାନା ଘଟାଉଛନ୍ତି ତାହା ସମ୍ପୂର୍ଣ୍ଣ ନିନ୍ଦନୀୟ । ଆଇନ୍ ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବା ସହିତ ଏହିଭଳି ତତ୍ତ୍ୱଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦ୍ୱାରା ହିଁ ପରିସ୍ଥିତିରେ ସୁଧାର ଆସିବ । ଅନ୍ୟଥା ସ୍ଥିତିକୁ ନିୟନ୍ତ୍ରଣ କରିବା ସମ୍ଭବପର ନୁହେଁ ।

ଅନନ୍ୟ ଜାନକୀ ବଲ୍ଲଭ–୨



କିଛି ସ୍ମୃତି
କିଛି
ଜାଗୃତି

ପ୍ରଫେସର ଉପେନ୍ଦ୍ର ପ୍ରସାଦ ନାୟକ
ମୁଖ୍ୟ ସମ୍ପାଦକ, ଶତଦ୍ରୁ ଚିତ୍ରକଳା
ଏଲ୍-୧୦୨, ବରମୁଣ୍ଡା ହାଉସିଂ
ବୋର୍ଡ କଲୋନୀ, ଭୁବନେଶ୍ୱର-୩
ମୋ : ୯୮୬୧୧୨୬୪୧୦

ଜାନକୀ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱ କାଳରେ ସେ ଲେଖକ ସାମ୍ମୁଖ୍ୟ' ସାହିତ୍ୟ ଅନୁଷ୍ଠାନକୁ ବେଶ୍ ପ୍ରୋତ୍ସାହନ ଦେଉଥିଲେ । ସେ ଅନୁଷ୍ଠାନର ସଭାପତି ସାତକଡି ହୋତା ଓ ସମ୍ପାଦକ ବରେନ୍ଦ୍ର କୃଷ୍ଣ ଧଳ ରହି ଓଡ଼ିଶାର ବିଭିନ୍ନ ଜିଲ୍ଲା ସଦର ମହକୁମା କିମ୍ବା ବଡ ବଡ ସହର ଆଦିରେ କରାଉଥିଲେ । ଜାନକୀବାବୁ ଯାଇ ସେହି ତିନିଦିନିଆ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ତାଙ୍କର ସେହି ଉଦ୍‌ଘାଟନୀ ଭାଷଣଟି ସେହି ଉତ୍ସବର ଥାଏ ପ୍ରଧାନ ଆକର୍ଷଣ । ଜାନକୀ ପଟ୍ଟନାୟକ ସେହି ଅଞ୍ଚଳର ସାଂସ୍କୃତିକ ଐତିହାସିକ, ଭୌଗୋଳିକ, ଐତିହ୍ୟ ପରମ୍ପରା ଯୁକ୍ତ ଏକ ସାରଗର୍ଭକ ଭାଷଣ ଦେଇଥାନ୍ତି । ମୁଁ ଲେଖକ ସମ୍ମୁଖ୍ୟର ସେ ସାହିତ୍ୟ ଉତ୍ସବକୁ ରାଉରକେଲା, ବାଲେଶ୍ୱର, ସମ୍ବଲପୁର ଓ ବଲାଙ୍ଗୀର ଆଦି ସ୍ଥାମାନଙ୍କୁ ଯାଇଛି । ଜାନକୀ ପଟ୍ଟନାୟକଙ୍କର ସେହି ଉଦ୍‌ଘାଟନୀ ଭାଷଣ ଥାଏ ମୋ ପାଇଁ ମୁଖ୍ୟ ଆକର୍ଷଣ । ତା'ପରେ ବହୁ ସଭାସମିତିରେ ଏକା ମଞ୍ଚରେ ଭାଷଣ ଦେଇଛୁ । ଭୁବନେଶ୍ୱର ରାଜଧାନୀ ପୁସ୍ତକମେଳା ଉଦ୍‌ଘାଟନୀ ଉତ୍ସବରେ ସେ ମୋର ଏକ ନାଟକ 'ତଥାପି ଇନ୍ଦ୍ରଜିତ' ଉନ୍ମୋଚନ କରିଥିବା ବେଳେ ପୁନଶ୍ଚ ଏଇ ଗତ ଭୁବନେଶ୍ୱର ପୁସ୍ତକ ମେଳାର ଉଦ୍‌ଘାଟନ ଉତ୍ସବରେ ମୋର କବିତା ଗ୍ରନ୍ଥ 'ଭିନ୍ନ ଅନ୍ୱେଷଣ' ଉନ୍ମୋଚନ କରିଥିଲେ । ସେ ଉତ୍ସବ ଗୁଡିକର ଉତ୍ତୋଳିତ ଆଲୋକ ଫଟୋ ଚିତ୍ରମାନ ମୁଁ ଏଯାଏ ସାଇତି ରଖିଅଛି ।



ସେ ସଂସ୍କୃତରେ ବିଦ୍ୱାନ ଥିଲେ । ତିରୁପତି ସଂସ୍କୃତ ବିଶ୍ୱବିଦ୍ୟାଳୟର ସେ ଥିଲେ ମହାମାନ୍ୟ କୁଳପତି । ସାହିତ୍ୟ ସାଧନା ସହିତ ଧର୍ମ ଓ ବିଷ୍ଣୁ ଆରାଧନା ଥିଲା ତାଙ୍କର ଅନ୍ୟତମ ପ୍ରଜ୍ଞାର ପରିଚୟ । ଧର୍ମ କ୍ଷେତ୍ରରେ ସେ ଖୁବ୍ ଉଦାରଥିଲେ । ଜଗନ୍ନାଥ ତତ୍ତ୍ୱ, ଦେବୀ ଆରାଧନା ସହିତ ଅନ୍ୟାନ୍ୟ ଦେବଦେବୀଙ୍କ ପୂଜା ଆରାଧନା ପ୍ରତି ତାଙ୍କର କୌଣସି ବିଦ୍ୱେଷ ନଥିଲା । ଏଭଳି ଏକ କର୍ମଦକ୍ଷ ବ୍ୟକ୍ତିତ୍ୱ କିପରି ୮୯ ବର୍ଷ ବୟସରେ ସେହି ତିରୁପତି ପବିତ୍ର ଧର୍ମପୀଠରେ ପ୍ରାଣତ୍ୟାଗ କଲେ ତାହା ହିଁ ତାଙ୍କ ଧର୍ମପ୍ରାଣ ଜୀବନର ପରିଚୟ ପ୍ରଦାନ କରେ ।

ମୁଁ ଛାତ୍ର କାଳରୁ ଜାନକୀ ପଟ୍ଟନାୟକଙ୍କ ବିଷୟରେ ରାଜନୈତିକ ଓ ସାରସ୍ୱତ ଜୀବନ ସମ୍ପର୍କରେ ଜାଣିଥିଲେ ମଧ୍ୟ ତାଙ୍କୁ ଦେଖିବାର ସୁଯୋଗ ପାଇନଥିଲେ । ଭୁବନେଶ୍ୱର ଆସିଲାପରେ ବିଭିନ୍ନ ସଭା ସମିତିରେ ଏବଂ ବିଶେଷକରି ତାଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ତାଙ୍କୁ ଦେଖିବାର ଶୁଣିବାର ସୁଯୋଗ ଲାଭ କରିପାରିଲି । ଏକା ସଭା ମଞ୍ଚରେ ବସିବାର ସୁଯୋଗ ମିଳିଥିଲା ୧୯୮୪ ମସିହାରେ ଲୋକକବି ଜଗନ୍ନାଥ ପାଣିଙ୍କ ଜୟନ୍ତୀ ସମାରୋହରେ ରବୀନ୍ଦ୍ର ମଣ୍ଡପରେ । ରାଜ୍ୟସ୍ତରୀୟ ଜଗନ୍ନାଥ ପାଣି ସ୍ମୃତି ସଂସଦର ମୁଁ ସାଧାରଣ ସମ୍ପାଦକ ଓ ସଭାପତି ପୂର୍ବତନ ମନ୍ତ୍ରୀ ଯୁଗଳ କିଶୋର ପଟ୍ଟନାୟକ । ଜାନକୀ ବାବୁ ସେହି ସଭାରେ ଜଗନ୍ନାଥ ପାଣିଙ୍କ ସମ୍ପର୍କିତ ମୋ ଭାଷଣ ଶୁଣି ଖୁସି ହୋଇଥିଲେ । ଯୁଗଳ ବାବୁ ମୋତେ ତାଙ୍କୁ ପରିଚୟ କରାଇ ଦେବା ପରେ ସେ କହିଲେ–ବାଃ ଜଣେ ଡାକ୍ତର ହୋଇ ସାହିତ୍ୟ ସାଧନା ଜାରି ରଖିଛ, ଖୁସିର କଥା ।

ଜାନକୀ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱ କାଳରେ ସେ ଲେଖକ ସାମ୍ମୁଖ୍ୟ' ସାହିତ୍ୟ ଅନୁଷ୍ଠାନକୁ ବେଶ୍ ପ୍ରୋତ୍ସାହନ ଦେଉଥିଲେ । ସେ ଅନୁଷ୍ଠାନର ସଭାପତି ସାତକଡି ହୋତା ଓ ସମ୍ପାଦକ ବରେନ୍ଦ୍ର କୃଷ୍ଣ ଧଳ ରହି ଓଡ଼ିଶାର ବିଭିନ୍ନ ଜିଲ୍ଲା ସଦର ମହକୁମା କିମ୍ବା ବଡ ବଡ ସହର ଆଦିରେ କରାଉଥିଲେ । ଜାନକୀବାବୁ ଯାଇ ସେହି ତିନିଦିନିଆ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ତାଙ୍କର ସେହି ଉଦ୍‌ଘାଟନୀ ଭାଷଣଟି ସେହି ଉତ୍ସବର ଥାଏ ପ୍ରଧାନ ଆକର୍ଷଣ । ଜାନକୀ ପଟ୍ଟନାୟକ ସେହି ଅଞ୍ଚଳର ସାଂସ୍କୃତିକ ଐତିହାସିକ, ଭୌଗୋଳିକ, ଐତିହ୍ୟ ପରମ୍ପରା ଯୁକ୍ତ ଏକ ସାରଗର୍ଭକ ଭାଷଣ ଦେଇଥାନ୍ତି । ମୁଁ ଲେଖକ ସମ୍ମୁଖ୍ୟର ସେ ସାହିତ୍ୟ ଉତ୍ସବକୁ ରାଉରକେଲା, ବାଲେଶ୍ୱର, ସମ୍ବଲପୁର ଓ ବଲାଙ୍ଗୀର ଆଦି ସ୍ଥାନମାନଙ୍କୁ ଯାଇଛି । ଜାନକୀ ପଟ୍ଟନାୟକଙ୍କର ସେହି ଉଦ୍‌ଘାଟନୀ ଭାଷଣ ଥାଏ ମୋ ପାଇଁ ମୁଖ୍ୟ ଆକର୍ଷଣ ।

ତା'ପରେ ବହୁ ସଭାସମିତିରେ ଏକା ମଞ୍ଚରେ ଭାଷଣ ଦେଇଛୁ । ଭୁବନେଶ୍ୱର ରାଜଧାନୀ ପୁସ୍ତକମେଳା ଉଦ୍‌ଘାଟନୀ ଉତ୍ସବରେ ସେ ମୋର ଏକ ନାଟକ 'ତଥାପି ଇନ୍ଦ୍ରଜିତ' ଉନ୍ମୋଚନ କରିଥିବା ବେଳେ ପୁନଶ୍ଚ ଏଇ ଗତ ଭୁବନେଶ୍ୱର ପୁସ୍ତକ ମେଳାର ଉଦ୍‌ଘାଟନ ଉତ୍ସବରେ ମୋର କବିତା ଗ୍ରନ୍ଥ 'ଭିନ୍ନ ଅନ୍ୱେଷଣ' ଉନ୍ମୋଚନ କରିଥିଲେ । ସେ ଉତ୍ସବ ଗୁଡିକର ଉତ୍ତୋଳିତ ଆଲୋକ ଫଟୋ ଚିତ୍ରମାନ ମୁଁ ଏଯାଏ ସାଇତି ରଖିଅଛି ।

୨୦୧୩ ମସିହାରେ ମୋର ଏକ କବିତା ଗ୍ରନ୍ଥ ପ୍ରକାଶ ପାଇଲା । ସେ ଗ୍ରନ୍ଥଟି ଏକ ନିଆରା କବିତା ଗ୍ରନ୍ଥ । ବିଭିନ୍ନ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କ ଉଦ୍ଦେଶ୍ୟରେ ରଚିତ ମୋର କବିତାଗୁଡିକ ତହିଁରେ ସନ୍ନିବେସିତ ହୋଇଅଛି । ସେହି ଗ୍ରନ୍ଥର ଜାନକୀବାବୁଙ୍କ ଉଦ୍ଦେଶ୍ୟରେ ମୋର ଏକ କବିତା ମଧ୍ୟ ପତ୍ରସ୍ଥ ହୋଇଅଛି । ମୁଁ ଯାଇ ତାଙ୍କୁ ତାଙ୍କ ଫରେଷ୍ଟ ପାର୍କ ସ୍ଥିତ ବାସଭବନରେ ସେ ପୁସ୍ତକଟିକୁ ଅର୍ପଣ କରନ୍ତେ–ସେ ଖୁବ୍ ଆନନ୍ଦିତ ହେଲେ । ସେହି ଗ୍ରନ୍ଥରେ ତାଙ୍କ ଉଦ୍ଦେଶ୍ୟରେ କବିତାଟିଏ ଲେଖାଅଛି ବୋଲି ମୁଁ ଜଣାଇବାରୁ ସେ କବିତାଟି ସେ ପାଠ କରି ଖୁସି ହେଲେ ଏବଂ ମୋ କାନ୍ଧରେ ହାତମାରି ମୋତେ ଆଶୀର୍ବାଦ କଲାପରି କହିଲେ ଏପରି ଏକ ନିଆରା କବିତା ପୁସ୍ତକ ପ୍ରକାଶ କରି ଗୋଟାଏ ବଡ କାର୍ଯ୍ୟ କରିଛି । ଏଭଳି ଏତେବଡ ନିବେଦିତ କବିତା ଗ୍ରନ୍ଥ ପୂର୍ବରୁ ଓଡ଼ିଆ ସାହିତ୍ୟରେ ପ୍ରକାଶ ପାଇ ନଥିଲା । ମୁଁ ତୁମର ସାରସ୍ୱତ ଜୀବନର ବିକାଶ କାମନା କରୁଛି ।

ସେଦିନ ମୁଁ ତାଙ୍କଠାରୁ ଖୁସି ହୋଇ ଫେରିଥିଲି ।

ଆଉ ଏକ ଘଟଣା । ନାଟ୍ୟକାର ବିଶ୍ୱଜିତ୍ ଦାସ ଓଡ଼ିଆ ନାଟ୍ୟ ଜଗତରେ ଏକ ପ୍ରଥିତ ଯଶା ନାଟ୍ୟଶିଳ୍ପୀ । ସେ ଜାନକୀ ବାବୁଙ୍କ ମୁଖ୍ୟମନ୍ତ୍ରୀଙ୍କ କାଳରେ ତାଙ୍କର ସୂଚନା ଅଧିକାରୀ (ପିଆରଓ) ଭାବେ କାର୍ଯ୍ୟ କରୁଥିଲେ ଏବଂ ସେ ତାଙ୍କର ଖୁବ୍ ପ୍ରିୟଥିଲେ । ନାଟ୍ୟକାର ବିଶ୍ୱଜିତ୍ ଦାସ ବହୁ ପ୍ରଭାବଶାଳୀ ଓଡ଼ିଆ ନାଟକର ସ୍ରଷ୍ଟା । ଏବଂ ସେ ମୋର ଅନ୍ୟତମ ଶୁଭେଚ୍ଛୁ । ତାଙ୍କ ନାଟକ ଓ ନାଟ୍ୟ ଜୀବନ ଉପରେ ମୁଁ 'ବିଶ୍ୱଜିତ୍ ନାଟ୍ୟବଳୟ' ନାମରେ ଏକ ଗ୍ରନ୍ଥ ପ୍ରକାଶ କରିଥିଲେ । କିନ୍ତୁ ଦୁଃଖର କଥା ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ଆୟୋଜିତ ଏକ ନାଟ୍ୟ ଆଲୋଚନାଚକ୍ରରେ ସେ ଭାଷଣ ଦେଉଁ ଦେଉଁ ଇହଧାମ ପରିତ୍ୟାଗ କରିଥିଲେ । ତାଙ୍କ ମୃତ୍ୟୁର ୯ବର୍ଷ ପରେ ତାଙ୍କ ପିଲାମାନଙ୍କ ପ୍ରଚେଷ୍ଟାରେ ତାଙ୍କ ନିମନ୍ତେ ଏକ ସ୍ମୃତି ସନ୍ଧ୍ୟା ଭୁବନେଶ୍ୱର ଜୟଦେବ ଭବନରେ ଆୟୋଜିତ ହେଲା । ମୁଁ ଓ ଅନନ୍ତ ମହାପାତ୍ର ତାର ମୁଖ୍ୟ ସଂଗଠନରେ ଥିଲୁ । ତାଙ୍କ ଭାଇ ସୌରଜିତ୍ ଦାସ ଓ ତାଙ୍କ ଝିଅ ଶ୍ରେୟସୀ ଅନନ୍ୟା, ଇପ୍‌ସିତା ଆଦି ମଧ୍ୟ ଉତ୍ସବଟିକୁ ବେଶ୍ ସୁସମାରୋହରେ ହେବାର ଆୟୋଜନରେ ଥିଲେ । ସେହି ଉତ୍ସବରେ ମୁଖ୍ୟ ଅତିଥି ଓ ଉଦ୍‌ଘାଟକ ଭାବେ ଜାନକୀ ପଟ୍ଟନାୟକ (ତତ୍କାଳୀନ ଆସାମ ରାଜ୍ୟପାଳ) ଯୋଗଦାନ କରି ବିଶ୍ୱଜିତ୍ ଦାସଙ୍କ ନାଟ୍ୟଜୀବନ ଉପରେ ଆଲୋକପାତ କରିଥିଲେ ଏବଂ ଆମର ସାଂଗଠନିକ ସଫଳତାକୁ ସାଧୁବାଦ ଜଣାଇଥିଲେ । ଜାନକୀ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥାଇ ମଧ୍ୟ ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ହୋଇଥିଲେ ।

ମୁଁ ସେତେବେଳେ ସାହିତ୍ୟ ଏକାଡେମୀର ଅର୍ଥ ସମିତିକୁ ନିର୍ବାଚିତ ହୋଇଥିଲି । ଏହିପରି ଭାବରେ ବହୁ ସ୍ମୃତି ତାଙ୍କ ସହିତ ମୋର ମୋ ମନ ସରୋବରରେ ସଂଚିତ ସଂରକ୍ଷିତ ହୋଇ ରହିଅଛି ।

ସେ ହଠାତ୍ ଏପରି ଭାବେ ଇହଧାମ ପରିତ୍ୟାଗ କରିଚାଲିଯିବେ କିଏବା ଜାଣିଥିଲା । ତାଙ୍କ ଦେହାନ୍ତ ସମ୍ବାଦ ଦୂରଦର୍ଶନରୁ ଜାଣି ମୋ ପତ୍ନୀ ମୋତେ ଫୋନ୍ କରି ଜଣାଇଲେ । ମୁଁ ସେତେବେଳେ ପ୍ରଭାତ ପରିକ୍ରମାରେ ଥିଲି । ସମ୍ବାଦଟି ପାଇଁ ଅତ୍ୟନ୍ତ ମ୍ରିୟମାଣ ହୋଇ ଘରକୁ ଫେରି ଟିଭି ପାଖରେ ବସି ତୁହାକୁ ତୁହା ତାଙ୍କରି ମୃତ୍ୟୁ ସମ୍ବାଦ ଶୁଣିବାକୁ ଲାଗିଲି ସିନା ହେଲେ ବିଶ୍ୱାସ କରିପାରୁନଥିଲି । ତାଙ୍କ ମୃତ ଶରୀର ତିରୁପତିରୁ ଆସି ତାଙ୍କ ଗୃହରେ ରହିବା କଥା ବନ୍ଧୁ ସାଫଲ୍ୟ ନନ୍ଦୀଙ୍କ ଠାରୁ ଶୁଣି ତାଙ୍କ ଘରକୁ ଯାଇ ଶେଷ ଦର୍ଶନ କଲି । ତାଙ୍କ ଉଦ୍ଦେଶ୍ୟରେ ସେଠାରେ ଦୁଇ ଧାଡି ଲେଖି ତାଙ୍କର ଜାମାତା ସୌମ୍ୟପଟ୍ଟନାୟକଙ୍କ ସହିତ ସାକ୍ଷାତ କରି ଫେରିଆସିଲି ସିନା କିନ୍ତୁ ଏଯାଏ ବିତାଙ୍କର ସ୍ମୃତି ଓ ତାଙ୍କ ଜୀବନର ବହୁବର୍ଣ୍ଣା କିର୍ତ୍ତୀରାଜିକୁ ଭୁଲି ପାରି ନାହିଁ ।

ଅଟଳଜୀଙ୍କ ବ୍ୟକ୍ତିତ୍ୱରୁ କିଛି ଝଲକ୍

ବିନୟ କୁମାର ଦାସ
ଅନାମିକା ନୀଡ଼, ଅଙ୍ଗାରଗଡ଼ିଆ,
ବାଲେଶ୍ୱର–୭୫୬୦୦୧

ଭାରତର ବରପୁତ୍ର ଭାରତ ରତ୍ନ, ବିଶିଷ୍ଟ ରାଷ୍ଟ୍ର ନାୟକ, ଜନନେତା, କବି ତଥା ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କର ୯୩ ବର୍ଷ ବୟସରେ ପରଲୋକ ହୋଇଯାଇଛି । ୧୯୨୪ ମସିହା ଡିସେମ୍ବର ମାସ ପଚିଶ ତାରିଖରେ ସେ ଜନ୍ମଗ୍ରହଣ କରିଥିଲେ । ସେ ଥିଲେ ଏମିତି ଜଣେ ଜନପ୍ରିୟ ନେତା ଯେ ତାଙ୍କର ଶତ୍ରୁ କେହି ନଥିଲେ । ଖାଲି ଜଣେ ବିଜ୍ଞ ପ୍ରଧାନମନ୍ତ୍ରୀ ନୁହଁନ୍ତି ସେ ଥିଲେ ବହୁ ବିରଳ ପ୍ରତିଭାର ଅଧିକାରୀ । ୨୦୧୫ରେ ସେ 'ଭାରତ ରତ୍ନ' ପାଇଥିଲେ ଓ ପଦ୍ମ ବିଭୂଷଣ ପୁରସ୍କାର ପାଇଥିଲେ ୧୯୯୨ ମସିହାରେ । ଭାରତବର୍ଷର ସ୍ୱାଧୀନତା ପ୍ରାପ୍ତି ପରେ ଯେଉଁ କେତେଜଣ ବିଶିଷ୍ଟ ଜନନାୟକ ପ୍ରଧାନମନ୍ତ୍ରୀ ପଦରେ ରହିଛନ୍ତି, ସେମାନଙ୍କ ମଧ୍ୟରେ ଅଟଳ ବିହାରୀ ବାଜପେୟୀଙ୍କ ବ୍ୟକ୍ତିତ୍ୱ ଥିଲା ସମ୍ପୂର୍ଣ୍ଣ ନିଆରା । ତାଙ୍କ ମହନୀୟ ବ୍ୟକ୍ତିତ୍ୱ ବିଷୟରେ ଯେତେ ଯାହା ଆଲୋଚନା କଲେ ମଧ୍ୟ ତଥାପି ବହୁତ କିଛି ବାକୀ ରହିଯିବ । ସେହି ବିରଳ ବ୍ୟକ୍ତିତ୍ୱରୁ କିଛି ଝଲକ୍ ।

ଈଶ୍ୱର ବାଜେପୟୀଙ୍କୁ ଏମିତି ଏକ ଚେହେରା ପ୍ରଦାନ କରିଥିଲେ ଯେ ତାଙ୍କୁ ଦେଖିଦେଲେ କେହି ଜଣେ ସହଜରେ ତାଙ୍କ ଉପରେ ରାଗିପାରିବ ନାହିଁ । ତାପରେ ତାଙ୍କର ହସ ହସ ମୁହଁ ଆଉ ମିଠା ମିଠା କଥା ଯିଏ ଥରେ ଶୁଣିବ, ସିଏ ନିଜ ଅଜାଣତରେ ବି ତାଙ୍କୁ ଆପଣେଇ ନେବ । କଥାରେ କଥାରେ କବିତ୍ୱର ଛିଟା, ମଜାଳିଆ ଅଥଚ ବାସ୍ତବ ଗୁରୁତ୍ୱପୂର୍ଣ୍ଣ କଥା କହିବାରେ ସେ ଥିଲେ ଧୁରନ୍ଧର । କାହାରି ମନରେ କିଛିବି କଷ୍ଟ ଦେବାକୁ ସେ କଦାପି ଚାହିଁ ନାହାନ୍ତି । ଆଉ ସେଇଥିପାଇଁ ସେ ସମସ୍ତଙ୍କର ଅତି ଆପଣାର ହୋଇପାରିଥିଲେ । ସେ ଗୋଟିଏ ନିର୍ଦ୍ଦିଷ୍ଟ ଦଳର ନେତା ଥିଲେ ମଧ୍ୟ ବିରୋଧି ଦଳର ପ୍ରତ୍ୟେକ ବ୍ୟକ୍ତି ତାଙ୍କୁ ଶ୍ରଦ୍ଧା ଓ ସମ୍ମାନ କରୁଥିଲେ । ଏମିତି ବିରଳ ବ୍ୟକ୍ତିତ୍ୱର ଅଧିକାରୀ ହୋଇଥିଲେ ବି ତାଙ୍କ ମନରେ, କଥାବାର୍ତ୍ତାରେ ବା ଆଚରଣରେ କେବେ ଗର୍ବ ବା ଅହଂକାର ଦେଖିବାକୁ ମିଳିନି ।

ନିଜ ପରିବାର ଅର୍ଥାତ୍ ପିତାମାତାଙ୍କ ଠାରୁ ସେ ଏମିତି ସଂସ୍କାର ପାଇପାରିଥିଲେ ଯେ ତାଙ୍କର ପ୍ରତିଟି କାର୍ଯ୍ୟକଳାପ ସଦା ସର୍ବଦା ସୁଶୃଙ୍ଖଳିତ ଥିଲା । ସେ ଅଯସ ଆଉ ଆରାମକୁ ଖୁବ୍ ଘୃଣା କରୁଥିଲେ । ତେଣୁ ସବୁବେଳେ ନିଜକୁ କିଛି ନା କିଛି ଉତ୍ତମ କାର୍ଯ୍ୟରେ ବ୍ୟସ୍ତ ରଖିବାକୁ ପ୍ରୟାସ କରୁଥିଲେ । ସେହି ବ୍ୟସ୍ତ ଜୀବନ ଭିତରୁ ବି ସେ ଅତି ଚତୁରତାର ସହିତ ସମୟ ବାହାର କରି ନେଉଥିଲେ ପଢ଼ାପଢ଼ି ଓ ଲେଖାଲେଖି କରିବା ପାଇଁ । ଆଜିକାଲି ଆମର କବି ଲେଖକ ମାନଙ୍କ କଥାବାର୍ତ୍ତାରୁ ଜଣାଯାଏ ଯେ ସେମାନେ ଯଦିଓ କିଛି ଲେଖାଲେଖି କରିବାକୁ ଚାହାଁନ୍ତି । ତଥାପି ସେମାନେ ଏଥିପାଇଁ ସମୟ ପାଇପାରୁନାହାନ୍ତି । ସତରେ କ'ଣ ସେମାନେ ଅଟଳଜୀଙ୍କ ଠାରୁ ବି ବେଶୀ ବ୍ୟସ୍ତତା ଭିତରେ ରହିଥାନ୍ତି କି ? ଅନ୍ୟ କଥା ଛାଡନ୍ତୁ, ସେ ତ ନିଜ ପୁସ୍ତକର ପ୍ରୁଫ୍‌କୁ ନିଜେ ଦେଖନ୍ତି ଓ ସ୍ଥଳ ବିଶେଷରେ ସଂଶୋଧନ କରିଦିଅନ୍ତି । ନିଜର ପ୍ରତ୍ୟେକଟି ଭାଷଣକୁ ସେ ନିଜେ ପ୍ରସ୍ତୁତ କରିନ୍ତି । ସବୁଠାରୁ ଆଶ୍ଚର୍ଯ୍ୟର କଥା ଯେ ତାଙ୍କ ଭାଷଣକୁ ଅନ୍ୟ କେହି ପ୍ରସ୍ତୁତ କରିଦେଲେ, ସେତକ ସେ ଜମା କହିପାରନ୍ତିନାହିଁ । ଆଜି ଆମର ଗର୍ବ କରିବାର କଥା ଯେ ତାଙ୍କର ଭାଷଣ ସବୁ ଗୋଟିଏ ଗୋଟିଏ ଦସ୍ତାବିଜ ହୋଇପାରିଛି । ସେସବୁ ସଂକଳିତ ହୋଇ ପୁସ୍ତକ ଆକାରରେ ପ୍ରକାଶ ପାଇ ସାରିଛି ଓ ଲୋକାଦୃତି ଲାଭ କରିସାରିଛି ।

ଅନେକ ହୁଏତ ଜାଣିନଥିବେ ଯେ ସେ ନିଜର ବାସଗୃହକୁ ଭାଙ୍ଗି ଦେଇ ସେହି ସ୍ଥାନରେ ଏକ ବିରାଟ ପୁସ୍ତକାଳୟ ନିର୍ମାଣ କରିଛନ୍ତି । ତାଙ୍କର କିଛି ଘନିଷ୍ଠ ବନ୍ଧୁ ତାଙ୍କୁ ଥଟ୍ଟା ପରିହାସରେ ପଚାରିଛନ୍ତି, 'ଆପଣଙ୍କର ନିଜ ଘର କୋଉଠି ଯେ ... ?' ସେ କିଛି ଉତ୍ତର ଦିଅନ୍ତି ନାହିଁ ଖାଲି ହସି ଦିଅନ୍ତି । ପ୍ରକୃତରେ ତାଙ୍କର ନିଜର ଘରଟିଏ ନାହିଁ । ତାଙ୍କ ପରିବାରର କୌଣସି ବ୍ୟକ୍ତି ରାଜନୀତି କ୍ଷେତ୍ରରେ ନାହାନ୍ତି ତାଙ୍କ ଭାଇ କିମ୍ବା ପୁତୁରା, ଭଣଜା କେହି ଏମ୍.ଏଲ୍.ଏ ବା ଏମ୍.ପି. ହୋଇନାହାନ୍ତି । ତାଙ୍କ ଆଚରଣ ଅନ୍ୟମାନଙ୍କ ଠାରୁ ସମ୍ପୂର୍ଣ୍ଣ ଭିନ୍ନ । ନିଜ କୋଠରୀରେ ଥିବା ସମୟରେ ସେଠାରେ ଯେତେ ଲୋକ ବସିଥାଆନ୍ତୁ ନା କାହିଁକି, ସେ ନିଜ ସ୍ଥାନରୁ ଉଠିଯାଇ ନିଜ ପାଇଁ ପିଇବା ପାଣି ଆଣନ୍ତି । ଏଥିପାଇଁ ସେ କାହାରି ସହାୟତା ନିଅନ୍ତି ନାହିଁ । ନିଜ ଲୁଗାପଟା ନିଜେ ସଫା କରିବା ତାଙ୍କର ଏକ ଭଲ ଅଭ୍ୟାସ । ବାହାରକୁ ଯିବା ସମୟରେ ନିଜର ବ୍ରିଫ୍‌କେଶ୍‌କୁ ସେ ନିଜ ହାତରେ ଧରି ଯିବାକୁ ଅଧିକ ପସନ୍ଦ କରୁଥିଲେ । ଲକ୍ଷ୍ମୌରେ ସେ ସମ୍ପାଦକ ଥିବା ସମୟରେ ସାରା ରାତି ସମ୍ବାଦପତ୍ର ଛାପିବା ସମ୍ପର୍କିତ କାମରେ ସେ ବ୍ୟସ୍ତ ରହୁଥିଲେ । ଅଧିକାଂଶ ରାତି ତାଙ୍କୁ ଉଜାଗର ରହିବାକୁ ପଡୁଥିଲା । ଭୋର୍ ବେଳକୁ କ୍ଲାନ୍ତି ଅନୁଭବ କଲେ ସେଇଠି ଚଟାଣରେ ମସିଣାଟିଏ ପାରି ଶୋଇଯାଉଥିଲେ । ସେ ତକିଆ ବ୍ୟବହାର କରୁନଥିଲେ ।

ଦିନେ ଖୁବ୍ ଜୋର୍‌ରେ ବର୍ଷା ହେଉଥାଏ । ବର୍ଷା ବନ୍ଦ ହେବାର ନାମ ନେଉନଥାଏ । ସେଦିନ କିନ୍ତୁ ଅଟଳଜୀଙ୍କୁ ଜଣେ ହରିଜନ ଭାଇଙ୍କ ଘରକୁ ଯିବାର ଥିଲା । ସେଠାରେ ତାଙ୍କର ଭୋଜନର ବ୍ୟବସ୍ଥା ହୋଇଥିଲା । ତାଙ୍କ ପାଇଁ ସମସ୍ତ ଆୟୋଜନ ହୋଇଥିବ ଅଥଚ ବର୍ଷା ତାଙ୍କୁ ହଇରାଣ କରିଦେଲା । ସେଠାକୁ ସେ କେମିତି ଯିବେ କିଛି ଠିକ୍ କରିପାରିଲେ ନାହିଁ । କିନ୍ତୁ ଯେମିତି ହେଉ ପଛେ ତାଙ୍କୁ ସେଠାକୁ ଯିବାକୁ ତ ପଡ଼ିବ । ସେ ଜିପ୍‌ରେ ଗାଁ ପର୍ଯ୍ୟନ୍ତ ଗଲେ । ସେଇଠୁ ଗାଁ ଭିତରକୁ ଆଣ୍ଠୁଏ ପାଣିରେ ପଶି ଝପର ଝପର ହୋଇ ତାଙ୍କ ଘରେ ପହଞ୍ଚିଗଲେ । ତାଙ୍କର ଏମିତି ଅବସ୍ଥା ଦେଖି ସେହି ହରିଜନ ଭାଇ ଜଣକ କାନ୍ଦି ପକାଇଥିଲେ । ଅଟଳଜୀ କିନ୍ତୁ ତାଙ୍କୁ ଆନନ୍ଦରେ କୁଣ୍ଢାଇ ପକାଇ କହିଥିଲେ 'ଆରେ ଭାଇ, ତୁମେ ଡାକିଚ, ମୁଁ ଆସିବିନି ? ଭାରି ଭୋକ ହେଲାଣି, ଶୀଘ୍ର ଭୋଜନର ବ୍ୟବସ୍ଥା କର ।'

ଆଉ ଏକ ଘଟଣା । ଥରେ ତାଙ୍କର ଜଣେ କର୍ମକର୍ତ୍ତାଙ୍କୁ କେହି ଜଣେ ବନ୍ଧୁକରେ ଗୁଳି ମାରିଦେଲା । ଗୁଳିଟି ତାଙ୍କ ମେରୁଦଣ୍ଡ ହାଡ଼ରେ ପଶିଗଲା ଓ ସେ ଯନ୍ତ୍ରଣାରେ ଛଟପଟ ହେବାକୁ ଲାଗିଲେ । ତୁରନ୍ତ ତାଙ୍କୁ ଦିଲ୍ଲୀର ଏକ ହସପାତାଳକୁ ନିଆଗଲା । ଖବର ପାଇଲା ମାତ୍ରେ ଅଟଳଜୀ ସେଠାରେ ପହଞ୍ଚିଗଲେ । ସେ କର୍ମକର୍ତ୍ତାଙ୍କୁ ଆଶ୍ୱାସନା ଦେଇ କହିଲେ, ଦେଖ ଭାଇ, ତୁମର କିଛି ହେବନି । ସବୁ ଠିକ୍ ହୋଇଯିବ । ତୁମେ କିନ୍ତୁ ନିଜର ହିମ୍ମତ ହାର ନାହିଁ । ତହୁଁ ସେ କର୍ମକର୍ତ୍ତା ଜଣକ ବହୁ କଷ୍ଟରେ ଧୀର ସ୍ୱରରେ ତାଙ୍କୁ କହିଥିଲେ, 'ଆପଣଙ୍କ ପଛରେ ଚାଲୁଥିବା ଲୋକ କେବେ ତାର ହିମ୍ମତ ହରାଇବାର ଆପଣ ଶୁଣିଛନ୍ତି କି ?' ଏତିକି ଶୁଣି ସେଦିନ ଅଟଳଜୀଙ୍କ ଆଖି ଛଳ ଛଳ ହୋଇଯାଇଥିଲା ।

ଆଉ ଏକ ଘଟଣା । ଶିମଳାରେ ଭାଷଣ ଦେବାର ଥାଏ । ତାଙ୍କ ଭାଷଣ ଶୁଣିବା ପାଇଁ ତ ସବୁ ସ୍ଥାନରେ ପ୍ରବଳ ଭିଡ଼ ହୁଏ । ଏଠାରେ ବି ସେମିତି ପ୍ରବଳ ଜନ ସମାଗମ ହୋଇଥାଏ । ଯଥା ସମୟରେ ସେ ଭାଷଣ ଆରମ୍ଭ କଲେ । ଭୀଷଣ ଥଣ୍ଡା ପଡ଼ିଥାଏ ସେଦିନ । ଲୋକେ ଥଣ୍ଡାରେ ଥରୁଥାଆନ୍ତି । କିନ୍ତୁ ଅଟଳଜୀଙ୍କ ଭାଷଣ ସେମାନଙ୍କୁ ସତେ ଅବା ଗରମ କରିଦେଲା । ଏତିକି ବେଳେ କୋଉଠି ଥିଲା କେଜାଣି ଅଦିନିଆ ବର୍ଷା ଆସିଗଲା । ଥଣ୍ଡ ପବନ ଜୋର୍‌ରେ ବହିବାକୁ ଲାଗିଲା । ବର୍ଷା ବି ହେଲା । ଅଟଳଜୀ ଶୀତରେ ଥରିଲେ । ହଠାତ୍ ଜଣେ ଲୋକ ଭିଡ଼ ଭିତରୁ ଆସି ତାଙ୍କ ପାଖରେ ପହଞ୍ଚିଗଲା ଓ କିଛି କଥାବାର୍ତ୍ତା ନକରି ତାଙ୍କ ଗଳାରେ ଏକ ମଫଲର ଗୁଡ଼ାଇ ଦେଇ ପଳାଇଗଲା । ଅଟଳଜୀ ତାଙ୍କୁ ଧନ୍ୟବାଦ ବି ଦେଇପାରିଲେନାହିଁ । ସେଥିପାଇଁ ସେ ଖୁବ୍ ମନ ଦୁଃଖ କଲେ । ପରବର୍ତ୍ତୀ ସମୟରେ ସେ କହିଛନ୍ତି, 'ମୁଁ ଯେତେବେଳେ ବି ଏହି ମଫଲରକୁ ମୋ' ଗଳାରେ ବାନ୍ଧେ, ମୋତେ ଜଣାଯାଏ ସତେ ଯେମିତି ମୋ' ଦେଶର କୋଟି କୋଟି ଜନତାଙ୍କ ହାତ ମୋତେ ଆଦରରେ କୋଳେଇ ନେଉଛନ୍ତି ।'

ତାଙ୍କ ପିଲାବେଳର ଏକ କଥା । ଥରେ କୌଣସି କାରଣରୁ ଘରେ ତାଙ୍କୁ କେହି ଜଣେ ପିଟିଲେ । ସେ କାନ୍ଦିବାକୁ ଲାଗିଲେ । ତାଙ୍କୁ କୁହାଗଲା – 'ଚୁପ୍ ଚୁପ୍ ।' ବାବା ବୈଠକରେ ରାମାୟଣ ପାଠ କରୁଛନ୍ତି । ଏତକ ଶୁଣି ସେ ଆହୁରି ଜୋର୍‌ରେ କାନ୍ଦିବାକୁ ଲାଗିଲେ । ତାଙ୍କ କାନ୍ଦ ଶୁଣି ବୈଠକଖାନାରୁ ବାବା ଉଠି ଆସିଲେ ଓ ଅଟଳଙ୍କୁ ଚୁପ୍ କରାଇ କାନ୍ଦିବାର କାରଣ ପୁଛା କଲେ । ଅଟଳଜୀ କହିଲେ, 'ମୋତେ ସେମାନେ ପିଟିଲେ ଆଉ କହୁଛନ୍ତି କାନ୍ଦନା । ଚୁପ୍ ରହ ।' ବାବା ତୁରନ୍ତ କହିଥିଲେ, 'ଆରେ ବାଃ, ପିଲାଙ୍କୁ ତୁମେ ପିଟିବ, ଆଉ କହିବ, କାନ୍ଦ ନା । ଇଏ ଠିକ୍ କଥା ନୁହେଁ । ହଁ, ଯଦି ତାଙ୍କୁ କୌଣସି କାରଣୁ ମରାପିଟା କଲ, ତେବେ ତାଙ୍କୁ କାନ୍ଦିବାର ଅଧିକାର ବି ଦେବା ଉଚିତ୍ ।' ଅଟଳଜୀ ବାବାଙ୍କର ଏହି ବାକ୍ୟକୁ ଯେଉଁଠି ଅନ୍ୟାୟ ହୁଏ ନିଶ୍ଚୟ ଦୋହରାଇଥାଆନ୍ତା । ତ ଏମତି ଥିଲେ ଆମର ପ୍ରିୟ ଅଟଳଜୀ ।

ଅଧକପାଳି ମୁଣ୍ଡ ବ୍ୟଥା

ଆମସ୍ୱାସ୍ଥ୍ୟ ଆମହାତରେ



ପ୍ରଫେସର ଡ଼ା.ଚତୁର୍ଭୁଜ ଭୂୟାଁ
୧୫୬, ଅନନ୍ତବିହାର,
ପୋଖରୀପୁଟ, ଭୁବନେଶ୍ୱର
ମୋ– ୭୨୦୫୬୫୨୨୧୨

ଶରୀରର ସେକ୍ରେଟାରିଏଟ ହେଲା ମୁଣ୍ଡ । ମୁଣ୍ଡ ଠିକ୍ ଥିଲେ ଶରୀର ଠିକ୍ ରଖିବା ପାଇଁ ସମସ୍ତ ପ୍ରକାର ପରିଚାଳନା କରିହୁଏ । ଶରୀର ଅନ୍ୟାନ୍ୟ ଅଙ୍ଗରେ ବିନ୍ଧା ଯନ୍ତ୍ରଣା ହେଲା ପରି ମୁଣ୍ଡ ବା ହେଡ୍‌ରେ ଯନ୍ତ୍ରଣା ହୁଏ, ଯାହାକୁ ମୁଣ୍ଡ ବିନ୍ଧା ବା ହେଡେକ ବୋଲି କହନ୍ତି । ସାଧାରଣ ଭାବରେ ବିଭିନ୍ନ କାରଣରୁ ମୁଣ୍ଡ ବିନ୍ଧା ହେଲେ ପ୍ରାଥମିକ ମୁଣ୍ଡବିନ୍ଧା ବା ଶିରମୂଳ ବା ପ୍ରାଇମେରି ହେଡେକ୍ କହନ୍ତି । କିନ୍ତୁ ଅନ୍ୟାନ୍ୟ କେତେକ ରୋଗ, ବା ରୋଗାବସ୍ଥା କାରଣରୁ ହେଲେ ତାକୁ ଦ୍ୱିତୀୟକ ବା ସେକେଣ୍ଡାରୀ ହେଡେକ୍ କହନ୍ତି ।

କାହିଁକି ହୁଏ : ସାଧାରଣ ଭାବରେ, ଅଧିକ ଥଣ୍ଡା, ଗରମ ହେଲେ, ପେଟରେ ଗ୍ୟାସ୍, କୋଷ୍ଠକାଠିନ୍ୟ ଅଧିକ ଦିନ ରହିଲେ, ଟେନସନ୍ ବା ଚିନ୍ତା, ଉଦ୍‌ବେଗ ରହିଲେ, ଅବସାଦ, ନିଦ ନହେବା, ଅଧିକ ଉପବାସ, କଠିନ ପରିଶ୍ରମ, ଶ୍ରମଯୋଗୁ, ପାଇବାକୁ ଥିବା ଫଳ/ ସମାଧାନ ନମିଳିଲେ, ଅନ୍ତଃସ୍ରାବ ବା ହରମୋନ ପରିବର୍ତ୍ତନରେ ବିଶେଷତଃ ପ୍ରାପ୍ତ ଯୁବକଯୁବତୀଙ୍କର ମାନସିକ ଚାପ, ଖାଦ୍ୟପେୟରୁ, ବାରମ୍ବାର ବାସିଖାଦ୍ୟ, ଫ୍ରିଜ୍‌ରେ ଅଧିକ ଦିନ ରହୁଥିବା ଛେନା, ଆଇସ୍‌କ୍ରିମ୍, ପନିର, ମାଛ, ମାଂସ ଓ ଏହାର ତରକାରୀ, ଫଳମୂଳ ଏ ପରିକି ପରିବାପତ୍ର, ସମୟେ ସମୟେ ଅଧିକ କଦଳୀ, ଲେମ୍ବୁ ଏବଂ ଖଟା ପଦାର୍ଥ ଅଧିକ ଖାଇଲେ ଖରାରୁ କିମ୍ବା ପରିଶ୍ରମ, ବ୍ୟାୟାମ ପରେ ଝାଳ ବୋହୁଥିବା ବେକ ପଥ ଅବସ୍ଥାରେ, ଥଣ୍ଡା ଶୀତ ପାଗ, ପରିବର୍ତ୍ତନରେ, ଚା, କଫି ପିଉଥିବା ଅଭ୍ୟସ୍ତ ବ୍ୟକ୍ତି ଗରମ ଚା କଫି ନ ପିଇଲେ ଅତ୍ୟଧିକ ମଦ୍ୟପାନ କଲେ (ଆଖିରେ ଚଷମା) ବା ଦୃଷ୍ଟି ଶକ୍ତି ଖରାପ ହେଲେ ପରବର୍ତ୍ତି ସମୟରେ ନପିନ୍ଧିଲେ, ଏପରି ଏକାଧିକ ସମ୍ଭାବ୍ୟ କାରଣରୁ ମୁଣ୍ଡବିନ୍ଧା ଫାଳେ/ଅଧେ କିମ୍ବା ପୁରା ଭାବରେ ହୁଏ ।

ଅନ୍ୟାନ୍ୟ ଅନେକ ରୋଗ, ବୃକ୍କରୋଗ ବା କିଡ୍‌ନ ଡିସଜ, ହୃଦରୋଗ ବା ହାର୍ଟ ଡିସଜ, ଆଖିରୋଗ, ନାକରୋଗ, ମୁଣ୍ଡରେ ଟ୍ୟୁମର, ବ୍ରେନ୍‌ଷ୍ଟ୍ରୋକ୍, କ୍ରାନିଆଲ୍ ନ୍ୟୁରୋଲୋଜିକ୍ ଅବସ୍ଥା ରକ୍ତଚାପ ଇତ୍ୟାଦି ଏପରିକି ଅଧିକ ଦିନ ଧରି ପେଟ ରୋଗ, ଅନ୍ତ ରୋଗ, କୋଷ୍ଠକାଠିନ୍ୟ ବା ଝାଡା କବ୍‌ଜା ହେଲେ ମଧ୍ୟ ସେକେଣ୍ଡାରୀ ମୁଣ୍ଡ ବିନ୍ଧା ହୋଇଥାଏ ।

କିପରି ଜାଣିବ : ମୁଣ୍ଡ ବିନ୍ଧା ଜାଣିବା ନିଜ ମୁଣ୍ଡ କହିଦିଏ । ମୁଣ୍ଡା ବା ଶିର ବା ହେଡ ସାମାନ୍ୟ ଯନ୍ତ୍ରଣା ସହି ହେଲା ଭଳି ଅସହ୍ୟ, ନିୟମିତ, ନିରନ୍ତର ସୂର୍ଯ୍ୟଙ୍କ ଗତି ଅନୁସାରେ ମୁଣ୍ଡ ବିନ୍ଧିବା, ମୁଣ୍ଡର ଅଧେ ଭାଗ ବାମ ଦକ୍ଷିଣ ଭାଗ ବିନ୍ଧିବା, ରାତିରେ କମିଯିବା । ଏପରି ହୁଏ ମୁଣ୍ଡରେ ପଟି କିମ୍ବା ତଉଲିଆ ବାନ୍ଧିବା ଦେଖାଯାଏ । ମୁଣ୍ଡ ବିନ୍ଧିବା ବିଭିନ୍ନ ପ୍ରକାର ଯଥା ମୁଣ୍ଡକୁ ତାଡି ଦେଲା ଭଳି, ହାମରରେ ପିଟିଲା ଭଳି, ମୁଣ୍ଡରେ ଭାରି ଜିନିଷ ଲଦିବାଭଳି, ଟାଇଁ ଟାଇଁ ମାରିଲା ପରି ହୁଏ । ଅଧିକ ଆଲୋକରେ, ପ୍ରଖର ଖରାରେ ମୁଣ୍ଡର ଅଧେ ଭାଗରେ ଦେଖାଯାଇ ପାରେ ।

କିପରି ପରୀକ୍ଷା : ଅଧିକ ଦିନ ଧରି ଚିକିତ୍ସା କଲେ ପୁରାତନ ହେଲେ ମୁଣ୍ଡର ସ୍କାନିଂ, ଆଖି ନାକ, କାନ ପରୀକ୍ଷା, ଦୀର୍ଘଦିନ ଧରି ଔଷଧ, ମାନସିକ ରୋଗୀ, ଅସ୍ତ୍ରୋପଚାର ରୋଗ ଆଦିର ପରୀକ୍ଷା କରିବା ଆବଶ୍ୟକ । ତେବେ ମୂଳ ରୋଗର ଚିକିତ୍ସା କରାଗଲେ ମୁଣ୍ଡବିନ୍ଧା କମିଯାଏ । ଚିକିତ୍ସା ପୂର୍ବରୁ ରୋଗକୁ ନିୟମିତ ପରୀକ୍ଷାନିରୀକ୍ଷା କରିବା, କରାଇବା, ଉଭୟେ ଚିକିତ୍ସକଏବଂ ରୋଗୀର ଦାୟିତ୍ୱ ।

କଣ ଚିକିତ୍ସା କରିବେ : ସର୍ବୋପରି ପ୍ରଥମେ ବିଭିନ୍ନ କାରଣରୁ ଉପୁଜୁଥିବା ମୁଣ୍ଡବିନ୍ଧା, ଅଧକପାଳି ବା ଫାଳିକିଆ ବିନ୍ଧାକୁ କାରଣଗୁଡିକ ଯଥା ସମ୍ଭବ ତ୍ୟାଗ କରିବ । ସେକେଣ୍ଡାରି କାରଣରୁ ଖୋଜି, ପରୀକ୍ଷା କରି ମୂଳ ରୋଗର ଆରୋଗ୍ୟ କରିବା ଉଚିତ । ଯେପରି ସାଧାରଣତଃ କୋଷ୍ଠ କାଠିନ୍ୟରୁ ହେଉଥିଲେ ଝାଡା ସଫା, ପେଟ ସଫା ପାଇଁ ସଠିକ୍ ଚିକିତ୍ସା କରିବା ବେଳେ କୋଷ୍ଠକାଠିନ୍ୟ କାହିଁକି ହେଉଛି ତାହାର ପରୀକ୍ଷା ମଧ୍ୟ ସଠିକ୍ ଚିକିତ୍ସକ ପାଖରେ କରିବା ଆବଶ୍ୟକ । କାନରୁ ପୟ, ପାଣି, ଫୁଲା, ଗ୍ରନ୍ଥି, ଫରନକଲ ଇତ୍ୟାଦି ଥିଲେ ଅଧକପାଳି ହେଲେ ସେହି କାନର ଚିକିତ୍ସା ଯେପରି ଆବଶ୍ୟକ ଗୋଟିଏ ପାଖ ଆଖିରେ ପାୱାର ଆବଶ୍ୟକ ହେଲେ ସେହି ପାଖ ମୁଣ୍ଡ ବିନ୍ଧା ହୁଏ । ତେଣୁ ଚଷମା ଲାଗିବା କିମ୍ବା ଚିକିତ୍ସା କରାଯାଏ । ଔଷଧ ଚିକିତ୍ସାରେ ପୂର୍ଣ୍ଣତଃ ଆରୋଗ୍ୟ ସହଜ ହୁଏ । ଯେତେବେଳେ ନିଜର ଦୈନନ୍ଦିନ ଜୀବନ ଶୈଳୀ ପରିବର୍ତ୍ତନ ଅନୁସାରେ ପାଳନ, ସୁସ୍ଥ ପରିବେଶ ସକରାତ୍ମକ ଚିନ୍ତାଧାରାରେ ବଞ୍ଚିବା ପାଇଁ ଆଗ୍ରହ ସହିତ ଯତ୍ନ କଲେ ଯୋଗାସନ, ପ୍ରାଣାୟାମ, ବ୍ୟାୟାମ ଆଦି ସହିତ ସୁସ୍ଥ ଖାଦ୍ୟପେୟ ନିୟମିତ ଭାବରେ କରି ଜୀବନର ପ୍ରତ୍ୟେକ ସମୟକୁ ଉଚିତ କାମରେ ବିନିଯୋଗ କଲେ ଔଷଧର ଆବଶ୍ୟକତା କମିଯାଏ କିମ୍ବା ହୋଇନପାରେ । ଅଧକପାଳି ବା ମୁଣ୍ଡବିନ୍ଧାରେ ବା ସାନୁସାଇଟ୍‌ସରେ ବା ମାଇଗ୍ରେନ୍‌ରେ ବ୍ୟସ୍ତତା ବା ଉଦ୍‌ବେଗତା ବା ଅନ୍‌କ୍‌ଜାଇଟିସ୍ ଅଧିକ କଷ୍ଟ ଦେଇଥାଏ । ଏହା କେବଳ ସହନଶୀଳତା, ଅସ୍ଥ୍ୟାତ୍ମକ ଚିନ୍ତା, ସମସ୍ୟା ଥିଲେ ସମାଧାନ ନିଶ୍ଚୟ ଅଛି, ଖୋଜି ବାହାର କରିବା, ଶୀଘ୍ର ହେଉ ବା ବିଳମ୍ବରେ ହେଉ ଉଦ୍ୟମ ଅବ୍ୟାହତ ରହିବା ଚିକିତ୍ସାର ମୂଳମନ୍ତ୍ର ।

Printed & Published by **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy**
E-mail : sambadkalikanews@gmail.com/sambadkalikaa@yahoo.com City Office : Plot No.354, Saheed Nagar
ସମ୍ପାଦକ : **ଜୟାଶୀଷ ରାୟ**